# Akashvani, Sambalpur

## SAMBALPURI NEWS MORNING BULLETIN

## 30 July 2026 - 6.47- 6.52 am.

---

ବନ୍ୟା ଆଇ.ଆଣ୍ଡ୍.ପି.ଆର

ଉତର୍ ଆଭ୍ୟନ୍ତରିଣ୍ ଓଡ଼ିଶା ଆଉ ତାକେ ଲାଗିକରି ଥିବା ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍ରେ ଗଭୀର୍ ଅବପାତ କେନ୍ଦ୍ରୀଭୂତ ହେଇକରି ରହିଛେ । ଇଟା ଇହାଦେ ଉତର୍ ଓଡ଼ିଶା, ଦକ୍ଷିଣ୍ ଝାର୍ଖଣ୍ଡ୍ ଆଉ ଉତର୍ ଛତିଶ୍ଗଡ଼୍ ଦେଇକରି ଯାଉଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ଜବର୍ନୁ ଅତି ଜବର୍ ବର୍ଷା ହେବା ବଲି ଝାର୍ସୁଗୁଡ଼ା, ସୁନ୍ଦର୍ଗଡ଼୍, ସହେତେ ୧୮ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ରାଜ୍ୟର୍ ଫି ନାଗରିକ୍ଙ୍କର୍ ଜୀବନ୍ ଆଉ ସୁରକ୍ଷା ସର୍କାର୍ଙ୍କର୍ ଲାଗି ସବୁନୁ ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବଏଢ଼୍ ଥିତି ଆଉ ତାର୍ ମୁକାବିଲା ଲାଗି ମୁଖ୍ୟ ଶାସନ୍ ସଚିବ ଆଉ ସ୍ୱତନ୍ତ୍ର

ରିଲିଫ୍ କମିଶନରଙ୍କର୍ ସାଙ୍ଗେ ଆଲୋଚନା କରିକରି ଶ୍ରୀ ମାଝୀ କହିଛନ୍ ଲଗାଏତ୍ ବର୍ଷା ଆଉ କେତେଟା ନଦୀ ନ ହେଇଥିବା ବନ୍ୟା ପରିସ୍ଥିତି ଉପ୍‌ରେ ସର୍‌କାର୍ ପୁରା ନଜର୍ ରଖିକରି ପ୍ରଭାବିତ୍ ଇଲାକାର୍ ଲୁକ୍‌କୁ ସୁରକ୍ଷିତ୍ ରଖ୍‌ବାର୍ ଲାଗି ପ୍ରଶାସନିକ୍ ସ୍ତର୍‌ଥି ନିର୍ଦ୍ଦେଶ୍ ଦିଆଯାଇଛେ । ଭିନ୍ ଜିଲ୍ଲା ନ ବଏଢ଼୍ ପରିଚାଲନା ସ୍ଥାନାନ୍ତର୍ ଆଉ ରିଲିଫ୍ କାମ୍‌କେ ତଦାରଖ୍ କର୍‌ବାର୍ ଲାଗି ୩ ଝନ୍ ବରିଷ୍ଠ ପ୍ରଶାସନିକ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛେ । ବଏଢ଼୍ ଲାଗି କ୍ଷତିଗ୍ରସ୍ତ ହେଇଥିବା ଘର୍ ଆଉ ଚାଷ୍ ଜମିର୍ ଲାଗି ପ୍ରଭାବିତ୍ ଲୁକ୍‌କୁ ତୁର୍‌ତି କ୍ଷତିପୂରଣ୍ ଦିଆଯିବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପୃଥ୍ୱୀରାଜ୍ ହରିଚନ୍ଦନ-ବର୍ଷା କ୍ଷୟକ୍ଷତି     ଆଇ ଆଣ୍ଡ୍ ପି.ଆର୍

ଲଗାଏତ୍ ବର୍ଷା ଆଉ ବଏଢ଼୍ ଲାଗି ନିର୍ମାଣ୍ ବିଭାଗ୍ ଅଧୀନ୍ ନ ଥିବା ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ କ୍ଷତିଗ୍ରସ୍ତ ହେଇଥିବା ରାସ୍ତା, ସେତୁ ଆଉ ସର୍‌କାରୀ କୋଠାର୍ ତୁର୍‌ତି ମରାମତି ଲାଗି ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବଙ୍କର୍ ସହେତେ ଆଲୋଚନା କରିକରି ଯୁଦ୍ଧକାଲୀନ୍ ଭିତିଥି ରାସ୍ତା ମରାମତି କରିକରି ଯା'ଆସ୍‌କେ ସ୍ୱାଭାବିକ୍ କର୍‌ବାର୍ ଲାଗି ସେ କହିଛନ୍ । ଇ ବାବ୍‌ଦେ ଓ.ବି.ସି.ସି.- ଏନ୍.ଏଚ୍.ଏ.ଆଇ. ଆଉ ସଡ଼କ୍ ପରିବହନ୍ ରାଜ୍‌ପଥ୍ ମନ୍ତ୍ରଣାଳୟ ସହେତେ ସବୁ ମୁଖ୍ୟ ଯନ୍ତ୍ରୀଙ୍କୁ ଚିଠି ଭିଲ୍ ଲେଖାଯାଇଛେ ।

ମୁଖ୍ୟମନ୍ତ୍ରୀ-ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍‌ନୁ ୪ ଦିନିଆ ଦିଲ୍ଲୀ ଗସ୍ତଥି ଯାଇଛନ୍ । ମିଲିଥିବା ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ତାଙ୍କର୍ ଗସ୍ତ ସମିଆଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ବହୁତ୍ ଝନ୍ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିକରି ଓଡ଼ିଶାର୍ ଭିନ୍ ଭିନ୍ ପ୍ରସଙ୍ଗ ବାବ୍‌ଦେ ଆଲୋଚନା କର୍‌ବେ । ତାଙ୍କର୍ ଇ ଗସ୍ତ ସମିଆଥି ଆଏଜ୍ ସେ କେନ୍ଦ୍ର ଜଲ୍‌ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍‌ଙ୍କୁ ଭେଟିକରି ମହାନଦୀ ଜଲ୍‌ବିବାଦ୍ ଆଉ ଜଲ୍‌ସମ୍ପଦ୍ ବିଭାଗ୍‌ର ଭିନ୍ ଭିନ୍ ପ୍ରକଳ୍ପ ବାବ୍‌ଦେ ଆଲୋଚନା କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

କେ.ଭି. ସିଂହଦେଓ- ଚାଷୀ ବେଙ୍କ୍ ଋଣ  ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ଚାଷ୍ କ୍ଷେତ୍ରକେ ଅଏତ୍କା ଲାଭ୍ ଦାୟକ୍ କର୍ବାର୍ ଲାଗି ରାଜ୍ୟର୍ କୃଷି ଉଦ୍ୟୋଗୀମାନ୍କୁ ସମୟ ସୀମା ଭିତ୍ରେ ଋଣ ଯୁଗେଇଦେବାର୍କେ ବେଙ୍କ୍ ମାନ୍କୁ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆହ୍ୱାନ୍ ଦେଇଛନ୍ । ଆଏବା ୫ ବଛର୍ ଲାଗି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ୍ ଯୋଜ୍ନାଥି ଓଡ଼ିଶା କୃଷି ପ୍ରୋତ୍ସାହନ୍ ଆଉ ପୁଞ୍ଜି ଲଗାଣ୍ ନିଗମ୍ ଆପିକଲ୍କେ ୨ ହଜାର୍ ୪ ଶହ ୯୬ କୋଟିନୁ ଅଏତ୍କା ଟଙ୍କା ଦିଆଯାଇଛେ ବଲି ଶ୍ରୀ ସିଂହଦେଓ କହିଛନ୍ । ବୈଠକ୍ଥି କୃଷି ଉଦ୍ୟୋଗୀମାନ୍କୁ ସହଜ୍ଥି ଋଣ ଦେବାର୍, ବେଙ୍କ୍ ଆଉ ସର୍କାରୀ ସଂସ୍ଥା ଭିତ୍ରେ ସଠିକ୍ ତାଲ୍ମେଲ୍ ରଖ୍ବାର୍ ଆଉ ଗାଁର୍ ଯୁବକ୍ ଆଉ ମହିଳାମାନ୍କୁ ଚାଷ୍ ବ୍ୟବସାୟଥି ଅଏତ୍କାନୁ ଅଏତ୍କା ସାମିଲ୍ କର୍ବାର୍ ବାବ୍ଦେ ଆଲୋଚନା ହେଇଛେ ।

ବିଏସ୍ଏନ୍ଏଲ୍ -ଚୁକ୍ତି            ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଡିଜିଟାଲ୍ ଭାରତ୍ ନିଧି, ଟେଲି କମ୍ୟୁନେିକେସନ୍ ଆଉ ବିଏସ୍‌ଏନ୍‌ଏଲ୍ ଭିତ୍‌ରେ ତ୍ରିପାକ୍ଷିକ୍ ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ଇଥି ରାଜ୍ୟର୍ ୬ ହଜାର୍ ୭ ଶହ ୯୯ ଟା ଗ୍ରାମ୍ ପଂଚାୟତ୍‌କେ ଫାଇଭର୍ ଟୁ ହୋମ୍ ବିସ୍ତାର୍ କରାଯିବା । ଯେନ୍‌ଥିର୍ ଲାଗି ଡିଜିଟାଲ୍ ଶିକ୍ଷା, ଟେଲି ମେଡ଼ିସିନ୍, ଡିଜିଟାଲ୍ ବେଙ୍କିଙ୍ଗ୍ ଗ୍ରାମୀଣ ଉଦ୍ୟମିତା, ରୋଜ୍‌ଗାର୍ ଆଉ ଆର୍ଥିକ୍ ବିକାଶ୍ ଲାଗି ନୂଆଁ ସୁଯୋଗ୍ ତିଆର୍ ହେବା ବଲି ଇଲେକ୍ଟ୍ରୋନିକ୍ସ ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଇତାର୍ ଜରିଏ ୫୦ ହଜାର୍‌ନୁ ଅଏତ୍‌କା ଗାଁକେ ଇଂଟର୍ ନେଟ୍ ସେବା ଯୁଗେଇ ଦେବାର୍ ଲାଗି ୩ ହଜାର୍ ୩ ଶହ ୮୪ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା ହେବା ।

ଅନୁ ଗର୍ଗ-ଜାପାନ୍ ପ୍ରତିନିଧି            ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା-ଜାପାନ୍ ସମ୍ପର୍କକେ ଆହୁରି ମଜ୍‌ବୁତ୍ କର୍‌ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ତତୋରି ପ୍ରଦେଶ୍‌ର ମୁଖ୍ୟ ଶାସନ୍ ସଚିବ ତୋଷିକି ଏଣ୍ଡୋଙ୍କର୍ ନେତୃତ୍ୱଥି ଆସିଥିବା ୧୩ ଝନିଆ ପ୍ରତିନିଧି

ଦଲ୍ ସାଙ୍ଗେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ କରିଛନ୍ । ପୁଞ୍ଜିନିବେଶ୍, ଶିଳ୍ପ, ଦକ୍ଷ ମାନବ୍ ସମ୍ବଲ୍, ପର୍ଯ୍ୟଟନ୍, ସଂସ୍କୃତି, ପ୍ରଯୁକ୍ତି ଆଉ ଗବେଷଣା କ୍ଷେତ୍ରଥି ସହଯୋଗ୍ ବାବ୍ଦେ ବୈଠକ୍ଥି ଆଲୋଚନା କରାଯାଇଥିଲା । ସବୁଜ ଶକ୍ତି, ନୀଳ ଅର୍ଥନୀତି, ସ୍କିଲଡ୍ ଇନ୍ ଓଡ଼ିଶା ଆଉ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରଥି ଜାପାନୀ କମ୍ପାନୀ ମାନ୍କୁ ବିନିଯୋଗ୍ ଲାଗି ଶ୍ରୀମତୀ ଗର୍ଗ ଆହ୍ୱାନ୍ ଦେଇଛନ୍ ।

ପି.ଏମ୍.ଶ୍ରୀ ବିଦ୍ୟାଳୟ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ଶିକ୍ଷାନୀତି -୨୦୨୦ ଆଧାର୍‌ଥି ରାଏଜେ କାର୍ଯ୍ୟକାରୀ ହେଉଥିବା ପିଏମ୍‌ଶ୍ରୀ ଯୋଜ୍‌ନାର୍ ନିୟମିତ୍ ସମୀକ୍ଷା କରାଯିବା । ଇଥିର୍‌ଲାଗି ଗଣଶିକ୍ଷା ବିଭାଗ୍‌ର ୩୦ ଝନ୍ ଅଧିକାରୀଙ୍କୁ ୩୦ ଟା ଜିଲ୍ଲାର୍ ଦାୟିତ୍ୱ ଦିଆଯାଇଛେ । ସେମାନେ ନିୟମିତ୍ ବ୍ୟବଧାନ୍‌ଥି ଜିଲ୍ଲାମାନ୍‌କୁ ଯାଇକରି ସେଠାନେ ପି.ଏମ୍.ଶ୍ରୀ ବିଦ୍ୟାଳୟର୍ ଭିତିଭୂମି ଯାଂଚ୍ କର୍‌ବେ ଆଉ ଇ ବାବ୍‌ଦେ ସବୁ ତଥ୍ୟ ପିଏମ୍‌ଶ୍ରୀ ପୋର୍ଟାଲ୍‌ଥି ଉଲ୍ଲେଖ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଆଇଟିଇପି                ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ଉଚ୍ଚ ଶିକ୍ଷାନୁଷ୍ଠାନ୍ ମାନ୍‌କେ ଆଏବା ୧ ତାରିଖ୍‌ନୁ ଇଂଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗାମ୍ ପାଠ୍ୟକ୍ରମ୍‌ର ପହେଲା ବଛର୍ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ୨୦୨୬-୨୭ ଶିକ୍ଷା ବଛର୍ ଲାଗି ୧୫ ଶହ ଟା ସିଟ୍ ଥିବାର୍ ବେଲ୍‌କେ ୧୦ ହଜାର୍ ୬ ଶହ ୪୭ ଝନ୍ ଇଥିର୍‌ଲାଗି ଆବେଦନ୍ କରିଥିଲେ । ପହେଲା ଆଉ ୨ ନମ୍ବର୍ ରାଉଣ୍ଡ୍ ଉତ୍‌ରୁ ୧୨ ଶହ ୫୯ ଝନ୍ ଛାତ୍ରଛାତ୍ରୀ ଏଡ଼ମିଶନ୍ ନେଇସାରିଛନ୍ । ଅଗଷ୍ଟ ୪ ତାରିଖ୍‌ତକ୍ ସ୍ପଟ୍ ଆଡ୍‌ମିଶନ୍ ଶେଷ୍ ହେବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ନୂଆପଡ଼ା-ଶୀତଲ୍‌ଭଣ୍ଡାର୍                ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଶୀତଲ୍‌ଭଣ୍ଡାର୍ ପ୍ରକଳ୍ପକେ ପ୍ରୋତ୍ସାହନ୍ ଦେବାର୍ ଲାଗି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଶୀତଲ୍‌ଭଣ୍ଡାର୍

ଲାଗି ଆର୍ଥିକ୍ ସାହାଜ୍ ବାବଦ୍ ଜିଲ୍ଲାସ୍ତରୀୟ କମିଟି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ଖଡ଼ିଆଲ୍ ରୋଡ଼୍ ଏନ୍‌ଏସି ୮ ନମ୍ବର୍ ୱ୍ୱାର୍ଡ଼୍ ନ ୫ ହଜାର୍ ୪ ଶହ ୧୦ ମେଟ୍ରିକ୍ ଟନ୍ କ୍ଷମତା ଥିବା ଶୀତଲ୍‌ଭଣ୍ଡାର୍ ପ୍ରକଳ୍ପକେ ଅନୁମୋଦନ୍ ମିଲିଛେ । ଜିଲ୍ଲା ନ ଆହୁରି ଅଏତ୍‌କା ଶୀତଲ୍‌ଭଣ୍ଡାର୍ ପ୍ରକଳ୍ପ ପ୍ରସ୍ତାବ୍ ଆନ୍‌ବାର୍‌କେ ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।